ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 16-02-2024

ନୟାଗଡ଼(ଓଡିଶା) - :2024-02-16 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-02-17 | 2024-02-18 | 2024-02-19 | 2024-02-20 | 2024-02-21 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 35.0 | 34.9 | 35.4 | 36.0 | 36.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 19.0 | 18.0 | 18.0 | 19.0 | 20.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 61 | 54 | 77 | 68 | 51 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 21 | 14 | 16 | 23 | 22 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 6 | 6 | 8 | 8 |
| ପବନର ଦିଗ (ଡିଗ୍ରୀ) | 202 | 120 | 169 | 193 | 207 |
| ମେଘାଚ୍ଛନ (ଅକ୍ଟା) | 1 | 0 | 0 | 2 | 3 |

## ପାଣିପାଗ ସାରାଂଶ/ସତର୍କ:

ଜିଲ୍ଲା ରେ ଆଗାମୀ ୫ ଦିନ (ଶନିବାର ରୁ ବୁଧବାର) ପର୍ଯ୍ୟନ୍ତ ପାଗ ଶୁଷ୍କ ରହିବାର ସମ୍ଭାବନା ଅଛି। ଦିନର ହାରାହାରି ସାର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪.୯-୩୬ ଡିଗ୍ରୀ ସି. ଏବଂ ୧୮-୨୦ ଡିଗ୍ରୀ ସି. ରହିବାର ଅନୁମାନ କରାଯାଉଛି। ଦିନର ହାରାହାରି ସାର୍ବୋଚ୍ଚ ଓ ସର୍ବନିମ୍ନ ଆଦ୍ରତା ଯଥାକ୍ରମେ ୫୧-୭୭ % ଓ ୧୪-୨୩ % ହେବାର ଅନୁମାନ କରାଯାଉଛି। ପବନର ବେଗ ୫-୮ କିମି/ଘ ରହିପାରେ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ନିର୍ମଳ ରହିବାର ସମ୍ଭାବନା ଅଛି।

## ସାଧାରଣ ଉପଦେଶ:

ଜିଲ୍ଲାରେ ପାଗ ଶୁଷ୍କ ରହିବାର ସମ୍ଭାବନା ଅଛି।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ଜିଲ୍ଲାରେ ପାଗ ଶୁଷ୍କ ରହିବାର ସମ୍ଭାବନା ଅଛି।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ମସୁର/ ହରଡ଼ | ହରଡ ଫସଲରେ ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୮୦ ମିଲି Chlorantraniliprole ମିଶାଇ ପତ୍ର ସିଂଚନ କରନ୍ତୁ। |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ମୁଗ | ମୁଗ ଓ ବୁଟ ଫସଲରେ ଶତକଡା ୨୫ ଭାଗ ଫୁଲ ଆସିଯାଇଥିଲେ ଜଳ ଦ୍ରବିଭୂତ ସାର ୧୯:୧୯:୧୯: କୁ ପ୍ରତି ୧ ଲିଟର ପାଣିରେ ୮ ଗ୍ରା ହିସାବରେ ପ୍ରଥମ ଥର ଏବଂ ଛୁଇଁ ଧରିବା ସମୟରେ ସମାନ ମାତ୍ରାରେ ଦ୍ୱିତୀୟ ଥର ସିଂଚନ କରନ୍ତୁ। |
| ମୁଗ | ମୁଗ ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଆକ୍ରାନ୍ତ ଗଛକୁ ଉପାଡି ନଷ୍ଟ କରି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ ଲିଟର ପାଣିରେ ୧୬୦ ଗ୍ରା Diafenthurion 50% WP ମିଶାଇ ପତ୍ର ସିଂଚନ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ବାଇଗଣ ଫସଲରେ ଝାଉଂଳା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରା Copper oxychloride 50 WP ଓ ୦.୧ ଗ୍ରା Streptocyclin ମିଶାଇ ଗଛର ମୂଳରେ ପ୍ରୟୋଗ କରନ୍ତୁ। |
| ବାଇଗଣ | ବାଇଗଣ ଫସଲରେ କଙ୍କେଡିଆ ପୋକ (Epilachna beetle) ର ପରିଚାଳନା ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୬୦ ଗ୍ରା Emmamectin benzoate 5 SG ମିଶାଇ ସିଂଚନ କରନ୍ତୁ। |
| ବାଇଗଣ | ବାଇଗଣ ଫସଲରେ ଫଳ ପୋଚା ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୩୦୦ ଗ୍ରା Thiophenate methyl ମିଶାଇ ସିଂଚନ କରନ୍ତୁ। |
| ಮೆಣಸಿನಾ್ಯಠಿ | ଲଙ୍କା ଫସଲରେ ପତ୍ର ମୋଚାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୧୦-୧୫ ଦିନ ବ୍ୟବଧାନରେ ୪୦୦ ମିଲି Propargite 57 EC ଏବଂ ୪୦୦ ମିଲି Fipronil 5% SC ଅଦଳ ବଦଳ କରି ମିଶାଇ ପତ୍ର ସିଂଚନ କରନ୍ତୁ। |
| ଲଙ୍କା | ଲଙ୍କା ଫସଲରେ ପତ୍ର ମୋଚାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୧୦-୧୫ ଦିନ ବ୍ୟବଧାନରେ ୪୦୦ ମିଲି Propargite 57 EC ଏବଂ ୪୦୦ ମିଲି Fipronil 5% SC ଅଦଳ ବଦଳ କରି ମିଶାଇ ପତ୍ର ସିଂଚନ କରନ୍ତୁ। |
| କାକୁଡି | କାକୁଡିରେ ଭୂତାଣୁ ଜନିତ ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମେ ଆକ୍ରାନ୍ତ ଗଛକୁ ଉପାଡି ନଷ୍ଟ କରି ଦିଅନ୍ତୁ। ଏହା ପରେ ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ ମିଲି Tolfenpyrad ମିଶାଇ ପତ୍ର ସିଂଚନ କରନ୍ତୁ। |
| ମୁଷରୁମ | ସାଇତି ରଖିଥିବା ପାଳ ଛତୁ ଚାଷର ଅବ୍ୟବହୃତ ଗୁଣ୍ଡ ନଡାକୁ ନଷ୍ଟ ନ କରି ଏହାକୁ ଧିଙ୍ଗିରି ଛତୁ ଚାଷ ପାଇଁ ବ୍ୟବହାର କରନ୍ତୁ ଯଦ୍ୱାରା ନଡାର ଖର୍ଚ୍ଚ ଏବଂ ଶ୍ରମ ଲାଘବ ହେବ। |
| ମୁଷରୁମ | ୧-୨ ଇଞ୍ଚ ଲମ୍ବର କଟା ଯାଇଥିବା ପାଳରୁ ଲାଭଜନକ ଉପାୟରେ ଧିଙ୍ଗରୀ ଛତୁ ଚାଷ କରାଯାଇପାରିବ। |
| ମୁଷରୁମ | ଛତୁ ବେଡରେ ମାଛି କିମ୍ବା ଏହାର ଶୁକ ଦେଖା ଦେଲେ, ପ୍ରତି ଲିଟର ପାଣିରେ ୧-୧.୫ ମିଲି Dichlorovos କିମ୍ବା ୧.୫-୨ ମିଲି Malathion ମିଶାଇ ବେଡର ଚାରି ପାଖରେ ସିଂଚନ କରନ୍ତୁ ଏବଂ ଛତୁ ଗୃହକୁ ଗୋଟିଏ ଦିନ ପାଇଁ ବନ୍ଦ ରଖନ୍ତୁ। |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ପୋଖରୀରେ ମିରିକାଳି ଏବଂ କମନ କାର୍ପ ବଦଳରେ ଏକରକୁ ୫୦୦୦ ଚିଙ୍ଗୁଡି ଯାଁଳ ଛାଡନ୍ତୁ। |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | କୁକୁଡା ବସନ୍ତ ରୋଗରୁ ରକ୍ଷା ପାଇବା ନିମନ୍ତେ କୁକୁଡାମାନଙ୍କୁ ୬ ସପ୍ତାହ ମଧ୍ୟରେ ବସନ୍ତ ଟୀକା ୦.୨ ମିଲି ଡେଣା ତଳେ କିମ୍ବା ମାଂସ ପେଶୀରେ ଦିଅନ୍ତୁ। |
| ଚିଚକ | କୁକୁଡାମାନଙ୍କୁ କୃମୀନାଶକ ଔଷଧ ପ୍ରତି ୨-୩ ମାସ ବ୍ୟବଧାନରେ ଥରେ ଦେବା ଦରକାର। |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଅଗ୍ରିଲ ଇଂଗିନୀରିଙ୍ଗ | ଶକ୍ତି ଚାଳିତ ଘାସ ବଛା ଯନ୍ତ୍ର ସାହାଯ୍ୟରେ ଏକ ଧାଡିରେ ୩୩-୧ ୨ ୦ ସେମି ପର୍ଯ୍ୟନ୍ତ ଲଗାଯାଇଥିବା ସମସ୍ତ ଫସଲରେ ଘାସ ବଛା କାର୍ଯ୍ୟ କରାଯାଇପାରିବ। ଏହି ଯନ୍ତ୍ରଟିରେ ବ୍ୟବଧାନକୁ କମ ବେସୀ କରିବା ପାଇଁ ସୁବିଧା ରହିଥାଏ। ଏଥିରେ ଘଣ୍ଟାକୁ ଦେଢ ଲିଟର ଇନ୍ଧନ ଖର୍ଚ୍ଚ ହୁଏ। |